# NATIONAL NEWS BULLETIN (ODIA)

**25 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ସାରା ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବାକୁ ନୂଆ ଉତ୍ସାହ ଏବଂ ଆତ୍ମବିଶ୍ୱାସ ପ୍ରଦାନ କରିଛି, କହିଲେ ପ୍ରଧାନମନ୍ତ୍ରୀ

–ଆକାଶବାଣୀର ମନ୍ କି ବାତ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ଦେଶରେ ପ୍ରସ୍ତୁତ ଉତ୍ପାଦ କିଣିବା ଉପରେ ଦେଲେ ଗୁରୁତ୍ୱ

- ନିଉୟର୍କଠାରେ ଆତଙ୍କବାଦ କାର୍ଯ୍ୟକଳାପ ବିରୁଦ୍ଧରେ ଭାରତର ପଦକ୍ଷେପ ଉପରେ ଆଲୋକପାତ କଲେ ସାଂସଦ ଶଶୀଥରୁର୍ଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେଉଛି ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ଖେଳାଯିବ ଦୁଇଟି ମ୍ୟାଚ୍

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଶବାଣୀର ମନ୍ କି ବାତ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି, ଅପରେସନ ସିନ୍ଦୂର ସାରା ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବାକୁ ନୂଆ ଉତ୍ସାହ ଓ

ଆତ୍ମବିଶ୍ୱାସ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂର ସମୟରେ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ବୀରତ୍ୱର ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଧ୍ୱଂସ କରିଥିବା ସଶସ୍ତ୍ର ବାହିନୀର ସଠିକ୍ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ସମଗ୍ର ଦେଶ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ଏକଜୁଟ ହୋଇଛନ୍ତି। ଆତଙ୍କବାଦୀଙ୍କ ମୂଳୋତ୍ପାଟନ କରିବା ପାଇଁ ସଂକଳ୍ପବଦ୍ଧ । ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଛନ୍ତି ଯେ ଅପରେସନ ସିନ୍ଦୂର କେବଳ ଏକ ସାମରିକ ମିଶନ ନୁହେଁ, ବରଂ ଦେଶର ସଂକଳ୍ପ ଓ ସାହସର ପ୍ରତୀକ । ସେ କହିଛନ୍ତି, ସମଗ୍ର ଦେଶକୁ ଏହା ଦେଶାତ୍ମବୋଧ ଭାବନାରେ ଜାଗ୍ରତ କରାଇଛି ।

**V/O (Operation Sindur)**

ଶ୍ରୀ ମୋଦୀ କହିଛନ୍ତି ଦେଶର ଅନେକ ଛୋଟ ଓ ବଡ଼ ସହର, ଗାଁରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା । ଦେଶରେ ସଶସ୍ତ୍ର ବାହିନୀକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ହଜାର ହଜାର ଲୋକ ତ୍ରିରଙ୍ଗା ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀ ନିକଟରେ ବିକାନିର୍ ଗସ୍ତ ସଂପର୍କରେ କହିଛନ୍ତି, ପିଲାମାନେ ତାଙ୍କୁ ଏକ ଚିତ୍ରକଳା ଉପହାର ଦେଇଥିଲେ, ଯାହାକି ଏକ ଆକର୍ଷଣୀୟ ତଥ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରୁଥିଲା । ବିହାରର କଟିହାର, ଉତ୍ତର ପ୍ରଦେଶର କୁଶୀନଗର ଏବଂ ଅନ୍ୟ ସହରରେ ଅପରେସନ ସିନ୍ଦୂର ସମୟରେ ଜନ୍ମ ନେଇଥିବା ପିଲାଙ୍କର ନାମ ‘ସିନ୍ଦୂର’ ରଖାଯାଇଛି ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, ଭାରତୀୟ ସେନା ଅଦମ୍ୟ ସାହସର ସହିତ ସ୍ୱଦେଶରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆତଙ୍କୀ ଶିବିରଗୁଡ଼ିକୁ ଧ୍ୱଂସ କରିଥିଲେ । ଏହି ସମୟରେ ଆତ୍ମନିର୍ଭର ଭାରତର ସଂକଳ୍ପକୁ ଦୋହରା ଯାଇଛି ।

ଶ୍ରୀ ମୋଦୀ  ଇଞ୍ଜିନିୟର ଏବଂ ଟେକ୍ନିସିଆନ୍‌ମାନଙ୍କ  କଠିନ ପରିଶ୍ରମକୁ ବିଜୟର ଶ୍ରେୟ ଦେଇଛନ୍ତି । ସେ କହିଛନ୍ତି ଏହି ଅଭିଯାନ ପରେ ସମଗ୍ର ଦେଶରେ ଭୋକାଲ୍ ଫର୍ ଲୋକାଲ ପ୍ରତି ନୂଆ ଉତ୍ସାହ ଦେଖାଯାଇଛି ।

**V/O (Local for Vocal)**

ମାତାପିତାମାନେ ନିଜର ପିଲାମାନଙ୍କ ପାଇଁ କେବଳ ଭାରତରେ ପ୍ରସ୍ତୁତ ଖେଳଣା କିଣିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କେତେକ ପରିବାର ଦେଶରେ ରହି ଅବକାଶ ସମୟ ଅତିବାହିତ କରୁଛନ୍ତି । କେତେକ ଯୁବା ଭାରତୀୟ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଉପହାରର ଆଦାନ ପ୍ରଦାନ କରିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ଏହି ଜନଭାଗିଦାରୀ ଭାରତର ବାସ୍ତବିକ ଶକ୍ତି ଅଟେ । ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭାରତରେ ପ୍ରସ୍ତୁତ ଉତ୍ପାଦ କିଣିବା ସମୟରେ ପାଇଁ ପ୍ରାଥମିକତା ଦେବାକୁ କହିଛନ୍ତି । ଏହା କେବଳ ଆର୍ଥିକ ସ୍ୱାବଲମ୍ବନର କଥା ନୁହେଁ, ବରଂ ଦେଶ ଗଠନରେ ଭାଗିଦାରୀକୁ ସୂଚାଉଛି ।

ଆଜିର ମନ୍‌କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗଡଚିରୋଲିର କଟେଝରୀ ଗାଁରେ ପ୍ରଥମଥର ପାଇଁ  ବସ୍ ପହଞ୍ଚିଥିବା କଥା କହିଛନ୍ତି ।

ନକ୍ସଲପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ଗାଁକୁ ପ୍ରଥମଥର ପାଇଁ ବସ୍ ଚଳାଚଳ କରିଛି ।  ଆଖପାଖ ଅଞ୍ଚଳରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଛି ।

ନକ୍ସଲବାଦ ବିରୋଧ ସଂଗ୍ରାମରେ ଲଢ଼େଇ ଯୋଗୁଁ ମୌଳିକ ସୁବିଧା ଉପଲବ୍ଧ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଛତିଶଗଡ଼ର ମାଓପ୍ରଭାବିତ ଅଞ୍ଚଳର ପିଲାମାନେ ବିଜ୍ଞାନ ପ୍ରତି ଆଗ୍ରହ ଦେଖାଉଛନ୍ତି । ସେମାନେ କୀଡ଼ାରେ ମଧ୍ୟ ଉତ୍କର୍ଷତା ପ୍ରଦର୍ଶନ କରୁଛନ୍ତି। ସେମାନଙ୍କର ଏହି ପ୍ରୟାସ ସେହି ଅଞ୍ଚଳରେ ରହୁଥିବା ଲୋକମାନଙ୍କ ସାହସକୁ ପ୍ରତିଫଳିତ କରୁଛି । ଏହି ଲୋକମାନେ ଜୀବନକୁ ଉନ୍ନତ କରିବାର ପଥ ବାଛିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।  ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଦନ୍ତେଓ୍ୱାଡ଼ା ଜିଲ୍ଲାର ପରୀକ୍ଷାର୍ଥୀଙ୍କର ଉତ୍କୃଷ୍ଟ ପରୀକ୍ଷାଫଳ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଆଜିର ଏହି କାର୍ଯ୍ୟକ୍ରମରେ ଗୁଜରାଟର ଗୀର୍ ଠାରେ ସିଂହଙ୍କ ସଂଖ୍ୟା ମାତ୍ର ୫ ବର୍ଷ ମଧ୍ୟରେ ୬୭୪ରୁ ୮୯୧ରେ ପହଞ୍ଚିଥିବାରୁ ଖୁସି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଏହି ସଂଖ୍ୟା ବୃଦ୍ଧି ସିଂହ ଗଣନା ପରେ ଦେଖାଦେଇଛି ।

ଶ୍ରୀ ମୋଦୀ କହିଛନ୍ତି, ଗୁଜରାଟ ହେଉଛି ପ୍ରଥମ ରାଜ୍ୟ, ଯେଉଁଠି ମହିଳାମାନେ ବହୁସଂଖ୍ୟାରେ ବନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି ।

ଡ୍ରୋନ୍ ଦିଦି ସଂପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ତେଲଙ୍ଗାନାର ସାଙ୍ଗାରେଡି ଜିଲ୍ଲାର ମହିଳାମାନେ ୫୦ ଏକର ଜମିରେ ଡ୍ରୋନ୍ ସାହାଯ୍ୟରେ କିଟନାଶକ ସିଞ୍ଚନ କରୁଛନ୍ତି । ବର୍ତ୍ତମାନ ଏହି ମହିଳାମାନେ ଡ୍ରୋନ୍ ଅପରେଟର ଭାବରେ ନୁହେଁ ବରଂ ଆକାଶ ଯୋଦ୍ଧା ଭାବେ ପରିଚିତ ହୋଇଛନ୍ତି ।

**V/O( Drone Didi)**

ଆନ୍ତର୍ଜାତିକ ଯୋଗ ଦିବସ ଆସନ୍ତାମାସ ୨୧ ତାରିଖରେ ପାଳନ କରାଯିବ । ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ସମସ୍ତଙ୍କୁ ଏହି ଦିବସ ମନେପକାଇଦିଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଖେଲୋ ଇଣ୍ଡିଆ କ୍ରୀଡ଼ାରେ  ମହାରାଷ୍ଟ୍ର, ହରିଆଣା ଓ ରାଜସ୍ଥାନର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ, ମହାରାଷ୍ଟ୍ରର ଅସ୍ମିତା ଧୋନ୍ ଏବଂ ଉତ୍ତରପ୍ରଦେଶର ତୁଷାର ଚୌଧୁରୀଙ୍କ ପ୍ରଦର୍ଶନ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

---

# ଅଲ୍‌ପାର୍ଟି ଡେଲିଗେସନ୍

କଂଗ୍ରେସ ସାଂସଦ ଶଶି ଥରୁରଙ୍କ ନେତୃତ୍ୱରେ ଆମେରିକା ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ପାକିସ୍ତାନରେ ଥିବା ଆତଙ୍କବାଦୀ ସ୍ଥଳୀ ଗୁଡ଼ିକୁ ଭାରତର ସଠିକ୍ ଏବଂ ନିର୍ଣ୍ଣାୟକ ଜବାବ ଉପରେ ଆଲୋକପାତ କରିଛନ୍ତି । ନିଉୟର୍କର କନ୍‌ସୁଲେଟ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ଥରୁର କହିଛନ୍ତି, ଭାରତ ପାକିସ୍ତାନ ସହିତ ଯୁଦ୍ଧ

କରିବାକୁ ଆଗ୍ରହୀ ନୁହେଁ । ଏକବିଂଶ ଶତାବ୍ଦୀର ବିଶ୍ୱ ପାଇଁ ଭାରତ ପ୍ରସ୍ତୁତ ହେଉଥିବା ସମୟରେ ଅର୍ଥନୀତିକୁ ସମୃଦ୍ଧ ଏବଂ ଦେଶବାସୀଙ୍କ ଜୀବନଶୈଳୀକୁ ଉନ୍ନତ କରିବା ପାଇଁ ଆଗ୍ରହୀ ବୋଲି ଶ୍ରୀ ଥରୁର କହିଛନ୍ତି । ଆତଙ୍କବାଦ କାର୍ଯ୍ୟକଳାପ ମାଧ୍ୟମରେ ପାକିସ୍ତାନ ହାସଲ କରିବାକୁ ଚାହୁଁଥିବା ଲକ୍ଷ୍ୟ ସମ୍ଭବ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତ ଏକତ୍ରିତ ରହିଛି ବୋଲି ସେ କହିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ସଂପର୍କରେ ଶ୍ରୀ ଥରୁର ଏହି ଅବସରରେ ଆଲୋକପାତ କରିଛନ୍ତି ।

ଜାତୀୟତାବାଦୀ କଂଗ୍ରେସ ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ କାତାରରେ ପହଞ୍ଚିଛନ୍ତି । ଡିଏମକେ ସାଂସଦ କାନି ମୋଝିଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ମସ୍କୋ ଗସ୍ତକୁ ସଫଳତାର ସହ ଶେଷ କରିଛନ୍ତି । ବର୍ତ୍ତମାନ ଏହି ଦଳ ସ୍ଲୋଭେନିଆ ଅଭିମୁଖେ ଯାତ୍ରା କରୁଛନ୍ତି । ମସ୍କୋରେ ଗତକାଲି ଆଲୋଚନାକାଳରେ ପ୍ରତିନିଧି ମଣ୍ଡଳୀ ସୀମାପାର ଆତଙ୍କବାଦ ଆକ୍ରମଣ ଏବଂ ଭାରତର ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ ।

ଜେଡିୟୁ ସାଂସଦ ସଂଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ଏବେ ଦକ୍ଷିଣ କୋରିଆର ସିଓଲରେ ଅଛନ୍ତି। ଭାରତରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ଅପରେସନ ସିନ୍ଦୂର ଅଭିଯାନ ଉପରେ ଏହି ପ୍ରତିନିଧି ମଣ୍ଡଳୀ ମତ ବିନିମୟ କରିଛନ୍ତି ।

ଶିବସେନା ସାଂସଦ ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତ ଶେଷ କରି କଙ୍ଗୋରେ ପହଞ୍ଚିଛନ୍ତି ।

ଅନ୍ୟପକ୍ଷରେ ବିଜେପି ସାଂସଦ ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ଆଜି ଠାରୁ ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲି ଏବଂ ଡେନ୍ମାର୍କ ଗସ୍ତରେ ଯାଇଛନ୍ତି ।

## ପିଏମ୍ ଏନ୍‌ଡିଏ ଗଭର୍ଣ୍ଣାନ୍ସ

ନୂଆଦିଲ୍ଲୀଠାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେଉଛି । ସୁଶାସନ ପ୍ରସଙ୍ଗ ଉପରେ ଆଧାରିତ ଏହି ଦିନିକିଆ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ସମସ୍ତ ୨୦ଟି ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ୧୮ ଜଣ ଉପମୁଖ୍ୟମନ୍ତ୍ରୀ ଏହି ବୈଠକରେ ଯୋଗ ଦେଇଛନ୍ତି ।

ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପଦକ୍ଷେପ ଗୁଡ଼ିକ ସଂପର୍କରେ ଏହି ବୈଠକରେ ମତ ବିନିମୟ ହେବ । ମୁଖ୍ୟମନ୍ତ୍ରୀମାନେ ତାଙ୍କ ସରକାରଙ୍କ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ରିପୋର୍ଟ ଉପସ୍ଥାପନ କରିବେ । ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

# ଓ୍ୱାର୍ଲଡ ଥାଇରଏଡ୍ ଡେ

ଥାଇରଏଡ ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଥାଇରଏଡ୍ ଦିବସ ପାଳନ କରାଯାଉଛି । ଏହି ରୋଗର କାରଣ, ପ୍ରଭାବ ଏବଂ ଏହାର ନିରାକରଣ ସଂପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଶରୀରରେ ଥାଇରଏଡ୍ ଗ୍ରନ୍ଥୀର ଆକାର ଛୋଟ ହୋଇଥିଲେ ମଧ୍ୟ ଏହାର ଜୀବନ ଶୈଳୀରେ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମେଦ ବହୁଳତା, ହୃତ୍ସ୍ପନ୍ଦନ, ଶରୀରରେ ତାପମାତ୍ରା ନିୟନ୍ତ୍ରଣ, ମାନସିକ ସୁସ୍ଥତା, ଶକ୍ତି ସ୍ତର ଆଦି ନିୟନ୍ତ୍ରଣ କରିବାରେ ଥାଇରଏଡ୍ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ନିୟମିତ ଯାଞ୍ଚ, ଶାରୀରିକ ବ୍ୟାୟାମ, ଯୋଗ ଆଦି କାର୍ଯ୍ୟକଳାପ ମାଧ୍ୟମରେ ମେଦବହୁଳତାକୁ ପ୍ରତିହତ କରାଯିବା ସହ ସୁସ୍ଥ ଜୀବନଶୈଳୀ ପାଇଁ ଥାଇରଏଡ୍ ଗ୍ରନ୍ଥୀ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ ।

---

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ୍ ସିରିଜ୍‌ରେ ଆଜି ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର୍‌କିଙ୍ଗସ ମଧ୍ୟରେ ମୁକାବିଲା ହେବ । ଅନ୍ୟ ଏକ ମ୍ୟାଚ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

---